ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ମୌଳିକ ଶିକ୍ଷାଭିମୁଖୀ କରିବା ଯୋଜନା

ସୂଚୀପତ୍ର

		ପୃଷ୍ଠା
୧ ।	ସୂଚନା	୧
୨ ।	ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମ	୨
୩ ।	ଶିକ୍ଷକ ତାଲିମ	୧୨
୪ ।	ତତ୍ତ୍ୱାବଧାନ	୧୬
୫ ।	ମୌଳିକ ଶିକ୍ଷାଭିମୁଖୀ କରିବାର ପ୍ରଣାଳୀ	୧୯
୬ ।	ମାନ-ନିର୍ଦ୍ଧାରଣ	୨୧
୭ ।	ଗୁରୁ-ଛାତ୍ର ସଂଖ୍ୟାନୁପାତ	୨୪
୮ ।	ଉପକରଣ ଓ ଶିକ୍ଷା ସାଧନ ସାମଗ୍ରୀ	୨୬
୯ ।	ପରିଶିଷ୍ଟ (କ) (କେତେକ ଅତ୍ୟାବଶ୍ୟକ ଜିନିଷର ତାଲିକା)	୨୯
	(ଖ) କ୍ୟୁମୁଲେଟିଭ୍ ରେକର୍ଡ ଫର୍ମର ନମୁନା	
	(ଗ) ସାପ୍ତାହିକ ସମୟବିଭାଗ	

Digitized by srujanika@gmail.com

ପ୍ରାଥମିକ ବିଦ୍ୟାଳୟକୁ ମୌଳିକ ଶିକ୍ଷାଭିମୁଖୀ

କରିବାର ଯୋଜନା

ସୂଚନା

୧୯୫୬ ସାଲରେ ଭାରତ ସରକାର ଶ୍ରୀ ଜି. ରାମଚନ୍ଦ୍ରନ୍‌ଙ୍କ ଅଧିନାୟକତ୍ୱରେ ଗୋଟିଏ କମିଟି ବସାଇଥିଲେ । ଏହା ରାମଚନ୍ଦ୍ରନ୍ କମିଟି ନାମରେ ଅଭିହିତ । ଦେଶର ବିଭିନ୍ନ ମୌଳିକ ଶିକ୍ଷାନୁଷ୍ଠାନଗୁଡ଼ିକ ପରିଦର୍ଶନ କରି ସେଗୁଡ଼ିକର ଅଗ୍ରଗତି ପାଇଁ ସୁପାରିସ୍ କରିବା ଏହି କମିଟିର କାର୍ଯ୍ୟ ଥିଲା । ଏହି କମିଟି ବିଭିନ୍ନ ରାଜ୍ୟରେ ବହୁବିଧ ଶିକ୍ଷାନୁଷ୍ଠାନର ଅବସ୍ଥା ପୁଙ୍ଖାନୁପୁଙ୍ଖ ଭାବରେ ଦେଖିଥିଲେ । ସେମାନଙ୍କ ରିପୋର୍ଟରେ ନାନାଦିଗରୁ ସୁପାରିସ୍ କରିବା ସଙ୍ଗେ ସଙ୍ଗେ ଗୋଟିଏ କଥା ଉପରେ ଖୁବ୍ ଜୋର ଦିଆଯାଇଥିଲା । ତାଙ୍କ ମତରେ ସଦନ ଅଞ୍ଚଳ ଜରିଆରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ କେତେ-ଗୁଡ଼ିକୁ ମୌଳିକ ଶିକ୍ଷାନୁଷ୍ଠାନରେ ପରିଣତ କରିବାଦ୍ୱାରା ମୌଳିକ ଶିକ୍ଷାର ଅଗ୍ରଗତି ଓ ପ୍ରସାର ସମ୍ଭବ ନୁହେଁ; ବରଂ ବାଧା ପ୍ରାପ୍ତ ହେଉଛି । ମୌଳିକ ଶିକ୍ଷାର ଗୁରୁତ୍ୱ ଓ ଜରୁରି ଆବଶ୍ୟକତା ଦୃଷ୍ଟିରୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଏ ଦିଗରେ ଗତିଶୀଳ କରିବାକୁ ହେବ । ଅର୍ଥାତ୍ ତାଲିମ ପ୍ରାପ୍ତ ଶିକ୍ଷକ ଓ ଭୂମି

Digitized by srujanika@gmail.com

ଭାରତରେ ଅଭାବ ହେତୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଏକ ସମୟରେ ମୌଳିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ସମ୍ଭବ ନୁହେଁ। ସରକାର—ଅର୍ଥାତ୍ ଓ ଶିକ୍ଷାବିତ୍—ସମସ୍ତ ମୌଳିକଶିକ୍ଷାର କେତେକ ବିଭାଗ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସର୍ବପ୍ରଥମେ ଅନ୍ତତ ବିଳମ୍ବେ ଓ ଅଳ୍ପବ୍ୟୟରେ ପ୍ରବର୍ତ୍ତନ କରି ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ମୌଳିକଶିକ୍ଷା ଦିଗରେ ଅଭିମୁଖୀ କରିବା-ପାଇଁ ସେମାନେ ସ୍ଥିର କଲେ। ଏହାଦ୍ୱାରା ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ସଂଯୋଜିତ ହୋଇ ସମ୍ପୂର୍ଣ୍ଣରୂପେ ପୂର୍ଣ୍ଣାଙ୍ଗ ମୌଳିକ ଶିକ୍ଷାନୁଷ୍ଠାନରେ ପରିଣତ ହୋଇ ପାରିବ।

ଏହି ନୀତି ଅନୁସାରେ ଭାରତ ସରକାରଙ୍କ ଆନୁକୂଲ୍ୟରେ ଦେଶରେ ଭୋପାଳ, ଚଣ୍ଡୀଗଡ଼, ଗାନ୍ଧିଗ୍ରାମ ଓ ପୁନାରେ ସବିଶେଷ ଆଲୋଚନା ପାଇଁ ଚାରୋଟି ସେମିନାର ଅନୁଷ୍ଠିତ ହୋଇଥିଲା। ଶେଷରେ ଆଲ୍ଲାହାବାଦଠାରେ ୧୯୫୯ ମସିହାରେ ଅଖିଳ ଭାରତୀୟ ସ୍ତରରେ ଏକ ଜାତୀୟ ସେମିନାର କରାଯାଇଥିଲା। ସେମିନାର ଦ୍ୱାରା ଗୃହୀତ ମୁଖ୍ୟ ସିଦ୍ଧାନ୍ତଗୁଡ଼ିକ ନିମ୍ନରେ ଦିଆଗଲା।

ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମ

ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ମୌଳିକ ଶିକ୍ଷାଭିମୁଖୀ କରିବାକୁ ହେଲେ ସେଥିପାଇଁ ଯେଉଁ କାର୍ଯ୍ୟକ୍ରମ ଅବଲମ୍ବନ କରିବାକୁ ହେବ, ତାହା ଫଳଦାୟକ ଓ ସହଜସାଧ୍ୟ ହେବା ଉଚିତ। ତେଣୁ ଆମକୁ ଏପରି କାର୍ଯ୍ୟକ୍ରମ ବାଛିବାକୁ ହେବ (୧) ଯାହାକି ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଅତ୍ୟାବଶ୍ୟକ।

Digitized by srujanika@gmail.com

(୨) ଯାହା ସ୍ୱକୀୟ ଗୁଣରେ ଫଳପ୍ରଦ ହେବ । (୩) ଯାହାକୁ ଅଳ୍ପବ୍ୟୟରେ ଓ ଶୀଘ୍ର କାର୍ଯ୍ୟକାରୀ କରିଯାଇ-ପାରିବ । (୪) ଯାହାକୁ ପ୍ରଚଳିତ ପାଠ୍ୟକ୍ରମରେ କୌଣସି ବ୍ୟାଘାତ ନ ଘଟାଇ ବିଦ୍ୟାଳୟରେ ଗ୍ରହଣ କରି ହେବ । (୫) ଯଦ୍ୱାରା ମୌଳିକ ଶିକ୍ଷାନୁଷ୍ଠାନରେ ପରିଣତ ହେବାପାଇଁ ଅନୁକୂଳ ବାୟୁମଣ୍ଡଳ ସୃଷ୍ଟି କରାଯାଇ ପାରିବ । ଏହି କର୍ମପନ୍ଥାର ନିର୍ବାଚନ ଏପରି କରିବାକୁ ହେବ, ଯାହା ଫଳରେ ଶିଶୁ ଅନୁଭବ କରିବ ଯେ ସେ ନିଜେ ଏ ସମସ୍ତ କାର୍ଯ୍ୟର କେନ୍ଦ୍ର, ସ୍ରଷ୍ଟା ଓ ଉତ୍ପାଦକ ଅଟେ । ସେ ନିଜ ସୃଷ୍ଟିରେ ନିଜେ ଆନନ୍ଦ ଓ ସନ୍ତୋଷ ଅନୁଭବ କରିପାରିବ । ନିଜେ କାର୍ଯ୍ୟ କରିବା ଦ୍ୱାରା ସେ ସେଥିରୁ ଅଭିଜ୍ଞତା ଅର୍ଜନ କରିବ ଓ ନିଜ ଭୁଲରୁ ଶିକ୍ଷା ଲାଭ କରିବ । ତାର କାର୍ଯ୍ୟ ଯେ ଉଦ୍ଦେଶ୍ୟପୂର୍ଣ୍ଣ, ସେଥିରେ ତାର ଦୃଢ଼ବୋଧ ହେବ ଏବଂ ତାର ଉଦ୍ଦେଶ୍ୟ ସଫଳ ହେଲେ ସେ ପରମ ଆନନ୍ଦ ଲାଭ କରିବ । ଏହି ଉଦ୍ଦେଶ୍ୟ ପୂରଣ ପାଇଁ ନିମ୍ନଲିଖିତ କାର୍ଯ୍ୟପନ୍ଥାର ପ୍ରସ୍ତାବ କରାଯାଉଛି ।

(୧) ସୁସ୍ଥ ଜୀବନ-ଯାପନ-ମୂଳକ କାର୍ଯ୍ୟାବଳୀ ।

(୨) ସ୍ୱାୟତ୍ତଶାସନ ଓ ସାମାଜିକ ଜୀବନରେ ଅଭ୍ୟସ୍ତ କରାଇବା କାର୍ଯ୍ୟାବଳୀ ।

(୩) ଶିଶୁକୁ ତାହାର ପରିବେଶ ସହିତ ସୁପରିଚିତ କରାଇବା କାର୍ଯ୍ୟାବଳୀ ।

(୪) ସାଂସ୍କୃତିକ ଓ ଆନନ୍ଦଦାୟକ କାର୍ଯ୍ୟାବଳୀ ।

(୫) ବିଦ୍ୟାଳୟକୁ ଗୃହ ଓ ସମାଜ ସହିତ ସମ୍ପୃକ୍ତ କରିବାପାଇଁ ସେବାମୂଳକ କାର୍ଯ୍ୟାବଳୀ ।

Digitized by srujanika@gmail.com

(୨) ଧନ୍ଦା ସହିତ ସମ୍ପୃକ୍ତ ଉଦ୍ଦେଶ୍ୟମୂଳକ କାର୍ଯ୍ୟାବଳୀ ।

ବହୁବିଧ କାର୍ଯ୍ୟ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହୋଇପାରେ । ସବୁ ସ୍କୁଲରେ ପ୍ରବର୍ତ୍ତନ କଲାଭଳି କେତେକ କାର୍ଯ୍ୟକ୍ରମ ବ୍ୟତୀତ ଆଉ କେତେକ ଉପାଦେୟ କାର୍ଯ୍ୟକ୍ରମ ରହିଛି । ତନ୍ମଧ୍ୟରୁ କେତୋଟି କୌଣସି କୌଣସି ସ୍ଥାନରେ ଉପଯୋଗୀ ହୋଇପାରେ, ମାତ୍ର ଅନ୍ୟତ୍ର ସେପରି ଉପଯୋଗୀ ନ ହୋଇପାରେ । ଏପରି କେତେକ କାର୍ଯ୍ୟ ଅଛି, ଯାହାକି ଶ୍ରେଷ୍ଠ ପିଲାଏ କରି ପାରିବେ ପୁଣି ଆଉ କେତେକ କାର୍ଯ୍ୟ ଅଛି ଯାହାକି ପ୍ରାଥମିକ ସ୍କୁଲର କେବଳ ବଡ ପିଲାମାନେ କରିବା ଉଚିତ । ଏହି ସବୁ ଦୃଷ୍ଟିରୁ କାର୍ଯ୍ୟଗୁଡ଼ିକର ନିମ୍ନଲିଖିତ ବିଭାଗ କରାଯାଇ ଅଛି ।

I ସବୁ ଶ୍ରେଣୀରେ ପ୍ରଚଳନ କରାଯାଇ ପାରିବା କାର୍ଯ୍ୟକ୍ରମ—

(୧) ପ୍ରତିଦିନ ଅଭ୍ୟାସ କଲାଭଳି କାର୍ଯ୍ୟକ୍ରମ ।

(୨) ସୁବିଧା ଓ ସ୍ଥଳବିଶେଷରେ କରିବା ଭଳି ସାମୟିକ କାର୍ଯ୍ୟକ୍ରମ ।

II ଧନ୍ଦା ।

(୧) ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଶାରୀରିକ ଓ ମାନସିକ ଅବସ୍ଥାକୁ ଦୃଷ୍ଟିରେ ଧନ୍ଦା ।

(୨) ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ଉପଯୋଗୀ ଧନ୍ଦା ବା କାର୍ଯ୍ୟକ୍ରମ ।

Digitized by srujanika@gmail.com

I (୧) ଦୈନନ୍ଦିନ ସାଧାରଣ କାର୍ଯ୍ୟ—

(କ) ସଫାଇ (ବ୍ୟକ୍ତିଗତ ଓ ସ୍କୁଲ ସଫାଇ)

ପ୍ରତ୍ୟେକ ଛାତ୍ର ତା'ର ଶିକ୍ଷାୟତନ ପ୍ରତି ସମ୍ମାନ ଦେଖାଇବା ଉଚିତ ଓ ସେଥିପାଇଁ ଗର୍ବ କରିବା ଉଚିତ । ତେଣୁ ସେ ଏହାକୁ ସଫାସୁତୁରା ରଖିବ ଏବଂ ଏହି ସଫେଇ ନିୟମିତ ଭାବରେ କରିବ । ବ୍ୟକ୍ତିଗତ ସଫାଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଛାତ୍ର ଏକାଗ୍ରତା ଓ ପ୍ରାର୍ଥନାରେ ମଧ୍ୟ ଅଭ୍ୟସ୍ତ ହେବ । ପ୍ରଥମ ଘଣ୍ଟା ବାଜିବାର ଦଶ ମିନିଟ୍ ମଧ୍ୟରେ ଛାତ୍ରମାନେ ସଙ୍ଘବଦ୍ଧ ହୋଇ ବିଭିନ୍ନ ଦଳରେ ସ୍କୁଲ ହତା ପରିଷ୍କାର କରିବେ । ବିଶେଷ କରି ସେମାନେ ସ୍କୁଲଗୃହ, ହତା, ଚୌକି, ଟେବୁଲ, ବେଞ୍ଚ ଓ ଅନ୍ୟାନ୍ୟ ଉପକରଣଗୁଡ଼ିକ ସଫା କରିବେ । ଏହା ପରେ ଆଉ ଦଶମିନିଟ୍ ମଧ୍ୟରେ ସେମାନେ ନିଜ ନିଜ ଶ୍ରେଣୀକୁ ଯିବେ; ସେମାନଙ୍କ ହାଜିର ନିଆଯିବ ଓ ସେମାନଙ୍କର ଦାନ୍ତ, ଆଖି, ନାକ, ନଖ, ବାଳ, ହାତ, ଗୋଡ଼ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗ ସଫା ଅଛି କି ନାହିଁ ପରୀକ୍ଷା କରାଯିବ ।

(ଖ) ପ୍ରାର୍ଥନା ଏବଂ ଘୋଷଣା—

ତା ପରେ ଛାତ୍ରମାନେ ଧାଡ଼ିବାନ୍ଧି ଶ୍ରେଣୀ କୋଠରୀରୁ ସଙ୍ଘସ୍ଥଳକୁ ଯିବେ ଓ ନିରୂପିତ ସ୍ଥାନରେ ବସିବେ । ସେଠି ତିନିମିନିଟ୍ ପାଇଁ ପ୍ରାର୍ଥନା ହେବ । ଏହା ପରେ ଶିକ୍ଷକ ଉଲ୍ଲେଖଯୋଗ୍ୟ ଘଟଣାଗୁଡ଼ିକ ଶୁଣାଇଦେବେ । ସେସବୁ ସମ୍ପର୍କରେ ପ୍ରଶ୍ନ ପଚାରିବା ପାଇଁ ଛାତ୍ରମାନଙ୍କୁ ଉତ୍ସାହିତ କରାଯିବ । ଏଥିପାଇଁ ସାତମିନିଟ୍‌ରୁ ଅଧିକ ସମୟ ଦିଆଯାଇ ପାରିବ ନାହିଁ ।

Digitized by srujanika@gmail.com

(ଗ) ଖେଳ, କସରତ, ଡ୍ରିଲ୍, ବା ଆସନର ଅଭ୍ୟାସ—

ଏ ସବୁ ସ୍କୁଲର ନିୟମିତ କାର୍ଯ୍ୟରେ ପରିଣତ ହେବା ଉଚିତ । ପ୍ରତି ସପ୍ତାହରେ ଦୁଇ ଘଣ୍ଟାରୁ କମ୍ ସମୟ ଏଥିରେ ବ୍ୟୟିତ ହେବ ନାହିଁ । ଯଦି ଦୈନନ୍ଦିନ କାର୍ଯ୍ୟ ନିର୍ଘଣ୍ଟ ଭିତରେ ଏହା କରି ନ ହୁଏ, ତେବେ ସ୍କୁଲ ସମୟପରେ ଏଥିପାଇଁ ବ୍ୟବସ୍ଥା କରାଯିବ ।

(ଘ) ଆତ୍ମ ପ୍ରକାଶ ପାଇଁ କାର୍ଯ୍ୟକ୍ରମ—

ବକ୍ତୃତା, ଆଲୋଚନା ଗଳ୍ପକଥନ, ପଦ୍ୟାବୃତ୍ତି ଓ ସମବେତ ସଙ୍ଗୀତ(ଜାତୀୟ ସଙ୍ଗୀତ ବା ଆଧ୍ୟାତ୍ମମୂଳକ) ନିୟମିତ ଭାବରେ କରାଯିବ । ଏ ସବୁ କାର୍ଯ୍ୟ ପାଇଁ ପ୍ରତି ସପ୍ତାହରେ ଅଧଘଣ୍ଟାଏ କରି ସମୟ ଦିଆଯିବ ।

(୨) ସାଧାରଣ ସାମୟିକ କାର୍ଯ୍ୟାବଳୀ—

(କ) ସାଧାରଣ ସଭା—

ମନ୍ତ୍ରୀମଣ୍ଡଳ ଗଠନ କରାଯିବ । ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ପ୍ରଭୃତି ନିର୍ବାଚିତ ହେବେ । ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯିବ । ନାଟିକାଭିନୟ, ରହସ୍ୟ, ବ୍ୟଙ୍ଗ—ଅଭିନୟ, ଆବୃତ୍ତି, ଅନୁକରଣମୂଳକ ରଙ୍ଗରହସ୍ୟ ପ୍ରଭୃତିର ବ୍ୟବସ୍ଥା ହେବ । ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ସବୁ ଶ୍ରେଣୀର ପ୍ରତିନିଧିଙ୍କୁ ନେଇ ଗୋଟିଏ ନ୍ୟାୟମଣ୍ଡଳୀ ଗଠିତ ହେବ, କୌଣସି ଜଣେ ଛାତ୍ରଙ୍କୁ ଏକାଧିକ ବିଭାଗ ଦିଆଯିବ ନାହିଁ ।

Digitized by srujanika@gmail.com

ମନ୍ତ୍ରୀମଣ୍ଡଳର ସୁପରିଚାଳନା ପାଇଁ ସାଧାରଣ ସଭାରେ ଗଣତାନ୍ତ୍ରିକ ଭିତ୍ତିରେ ନିୟମ ପ୍ରଣୟନ କରାଯିବ । ଅନୁଷ୍ଠାନର ସବୁଛାତ୍ର ସାଧାରଣ ସଭାର ସଭ୍ୟ ରହିବେ ।

(ଖ) ବେଳେବେଳେ ଗୋଷ୍ଠୀରେ ଭୋଜନର ବ୍ୟବସ୍ଥା କରାଯିବ । ଖାଦ୍ୟମନ୍ତ୍ରୀ ଏହାର ତତ୍ତ୍ୱ ନେବେ ।

(ଗ) ବର୍ଷରେ ଦୁଇଥର ଗୁରୁଜୀ, ଛାତ୍ର ଏବଂ ଅଭିଭାବକମାନଙ୍କର ସଭାହେବ । ସଭା ଆୟୋଜନ କରିବାରେ ଛାତ୍ରମାନେ ମୁଖ୍ୟ ଅଂଶ ଗ୍ରହଣ କରିବେ । ପ୍ରଧାନ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ଏହା କରାଯିବ ।

(ଘ) ଗ୍ରାମର ହାଟ, ମେଳା, ବଳବାଡ଼ି, ବୟନଶାଳା (କମାରଶାଳ ଆଦି) ଇତ୍ୟାଦି ସ୍ଥାନୀୟ ଅନୁଷ୍ଠାନଗୁଡ଼ିକୁ ଦେଖିବାର ବ୍ୟବସ୍ଥା ରହିବ । ସେ ସବୁ ସ୍ଥାନରେ କେଉଁ କେଉଁ ବିଷୟ ଲକ୍ଷ୍ୟ କରିବା କଥା, ତାହା ଶିକ୍ଷକ ଦେଖିଯିବା ପୂର୍ବରୁ ଛାତ୍ରମାନଙ୍କୁ ବୁଝାଇ ଦେବେ । ଶିକ୍ଷକ ସେମାନଙ୍କ ସହିତ ଯିବେ ଏବଂ ଛାତ୍ରମାନେ ଯେଉଁଠି ନ ବୁଝି ପାରିବେ, ସେ ତାହା ସରଳ ଭାବରେ ବୁଝାଇଦେବେ ।

(ଙ) ସ୍ଥାନୀୟ ଦେବଦେବୀ ମେଳାମହୋତ୍ସବ ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନରେ ଛାତ୍ରମାନେ ଯୋଗଦାନ କରିବେ । ଲୋକଙ୍କୁ ପାଣି ଯୋଗାଇବା, ବାଟ ବତାଇ ଦେବା, ଶୃଙ୍ଖଳିତ ଭାବରେ ଯା ଆସ କରିବା ପାଇଁ ସାହାଯ୍ୟ କରିବା ଇତ୍ୟାଦି ସେବାମୂଳକ କାର୍ଯ୍ୟ ମଧ୍ୟ କରିବେ । ଶିକ୍ଷାମନ୍ତ୍ରୀ ଏହାର ବ୍ୟବସ୍ଥା କରିବେ ।

Digitized by srujanika@gmail.com

(ଚ) ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ବୁଦ୍ଧ, ଶ୍ରୀକୃଷ୍ଣ, ଚୈତନ୍ୟ ଆଦି ମହାପୁରୁଷଙ୍କର ଜୟନ୍ତୀ, ଶ୍ରାଦ୍ଧ ଦିବସ ଓ ପରବପର୍ବାଣୀ ଅନୁଷ୍ଠାନରେ ପାଳିତହେବ, ସଂସ୍କୃତି—ମନ୍ତ୍ରୀ ଏହାର ବ୍ୟବସ୍ଥା କରିବେ ।

(ଛ) ଶ୍ରେଣୀ ଏବଂ ବିଦ୍ୟାଳୟର ପରିଚ୍ଛନ୍ନତା, କାନ୍ଥ ସଫେଇ ଓ କାନ୍ଥରେ ଛବି ଟଙ୍ଗାଇବା ପ୍ରଭୃତି କରାଯିବ । ଏହାଦ୍ୱାରା ଛାତ୍ରମାନଙ୍କର ସୌନ୍ଦର୍ଯ୍ୟବୋଧର ବିକାଶ ହେବ । ସଂସ୍କୃତି-ମନ୍ତ୍ରୀ ଏହାର ଦାୟିତ୍ୱ ନେବେ ।

(ଜ) କୃଷିମନ୍ତ୍ରୀ ବୃକ୍ଷରୋପଣର ବ୍ୟବସ୍ଥା କରିବେ ।

(ଝ) ପ୍ରବଚନ, ବିତର୍କମାଳା, ଲୋକଗୀତ ଓ କାହାଣୀ ସଂଗ୍ରହ କରାଯିବ । ସଂସ୍କୃତିମନ୍ତ୍ରୀ ମଧ୍ୟ ଏହାର ଉଦ୍ଯୋଜନା କରିବେ ।

(ଞ) ପିଲାମାନେ ଜଙ୍ଗଲ ପଶୁ, ପକ୍ଷୀ, ଫୁଲ ପ୍ରଭୃତି ଦେଖିବେ ଏବଂ ସେସବୁ ବିଷୟରେ ଜାଣିବେ । ଏଥିପାଇଁ ପରିଭ୍ରମଣ ଆଦିର ଆୟୋଜନ ଶିକ୍ଷାମନ୍ତ୍ରୀ କରିବେ ।

(ଟ) ପ୍ରକୃତ ପର୍ଯ୍ୟବେକ୍ଷଣ ପାଇଁ କେତୋଟି ନିର୍ଦ୍ଦିଷ୍ଟ ସ୍ଥାନକୁ ଭ୍ରମଣବ୍ୟବସ୍ଥା ସଂସ୍କୃତିମନ୍ତ୍ରୀ କରିବେ ।

(ଠ) କ୍ରୀଡ଼ା କୌତୁକ, ଆମୋଦପ୍ରମୋଦ ପ୍ରଭୃତିର ବ୍ୟବସ୍ଥା ସଂସ୍କୃତିମନ୍ତ୍ରୀ କରିବେ ।

(ଡ) ଉପଭୋକ୍ତା ମନ୍ତ୍ରୀ ବଣଭୋଜିର ଆୟୋଜନ କରିବେ ।

(ଡ଼) ସମବେତ ସଙ୍ଗୀତ ଓ ନୃତ୍ୟର ବ୍ୟବସ୍ଥା ସଂସ୍କୃତିମନ୍ତ୍ରୀ କରିବେ ।

(ଣ) ଉପରୋକ୍ତ ମନ୍ତ୍ରୀ ଲୋକଗୀତ ଓ ନୃତ୍ୟର ବ୍ୟବସ୍ଥା କରିବାର ଦାୟିତ୍ୱ ନେବେ ।

(ତ) କବିତା ପାଠ ଓ ବ୍ୟାଖ୍ୟାନର ବ୍ୟବସ୍ଥା ମଧ୍ୟ ରହିବ ।

(ଥ) ମୁଖ୍ୟମନ୍ତ୍ରୀ ବାର୍ଷିକ-ଦିବସ ପାଳନର ବ୍ୟବସ୍ଥା କରିବେ ।

(ଦ) ବିଦ୍ୟାଳୟର ସଂଗ୍ରହାଳୟ [ଯାଦୁଘର] ପାଇଁ ଦର୍ଶନୀୟ ବସ୍ତୁ ସବୁ ସଂଗ୍ରହ କରାଯିବ । ପ୍ରତ୍ୟେକ ଛାତ୍ର ଓ ଶିକ୍ଷକ ଏଥି ପ୍ରତି ଧ୍ୟାନ ଦେବେ । ସେମାନେ କୌଣସି ଉପଯୋଗୀ ବସ୍ତୁ ବିନା ଖର୍ଚ୍ଚରେ ଯଦି ପାଆନ୍ତି, ତେବେ ସେମାନେ ତାହା ସଂଗ୍ରହାଳୟକୁ ଆଣିବେ । ପରିଭ୍ରମଣରେ ଗଲାବେଳେ ଏଥି-ପ୍ରତି ଧ୍ୟାନ ଦିଆଯିବ ।

(ଧ) ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଶିଶୁମେଳା ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଏହାର ବ୍ୟବସ୍ଥା କରିବେ ।

(ନ) ବିଦ୍ୟାଳୟରେ ପ୍ରଦର୍ଶନୀର ବ୍ୟବସ୍ଥା ରହିବ ।

ଉପରେ ଦିଆ ଯାଇଥିବା (କ)ରୁ (ଚ) ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଗୁଡ଼ିକ ସବୁ ବିଦ୍ୟାଳୟରେ ଅଭ୍ୟାସ କରାଯିବ । ବାକିତକ ଯେଉଁଠି ସମ୍ଭବ ହେବ, ସେଠାରେ କରାଯିବ । ଏ ସମସ୍ତ କାର୍ଯ୍ୟ ପାଇଁ ସପ୍ତାହରେ ଦୁଇଘଣ୍ଟା ଦିଆଯିବ । ଅନ୍ୟ କେତେକ କାର୍ଯ୍ୟ-କ୍ରମର ତାଲିକା ଶ୍ରେଣୀ ଅନୁସାରେ ନିମ୍ନରେ ପ୍ରଦତ୍ତ ହେଲା ।

Digitized by srujanika@gmail.com

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ—(୧) କାଗଜ କାଟିବା
(୨) ରେଖାଚିତ୍ର ଓ ରଙ୍ଗୀନ ଚିତ୍ର ଅଙ୍କନ କରିବା

ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ—
(୧) ଖବର କାଗଜ, ପତ୍ରପତ୍ରିକା ପ୍ରଭୃତିରୁ ଛବିକାଟି ଶ୍ରେଣୀ ପାଇଁ ଆଲବମ୍ ପ୍ରସ୍ତୁତ କରିବା ।
(୨) କେତୋଟି କର୍ମଯୋଜନାର ସଂଗଠନ କରିବା—
(କ) ଡାକଘର, ଡାକ୍ତରଖାନା, ରେଳ ଷ୍ଟେସନ, ପଞ୍ଚାୟତ ପ୍ରଭୃତି ଶିକ୍ଷାମୂଳକ ଯୋଜନା ଏବଂ
(ଖ) ଚୁଲି ନିର୍ମାଣ, ଶୋଷ କୁଣ୍ଡ (Soak pit) ଖୋଳି—ପାଇଖାନା, ହତା ବାଡ଼ବନ୍ଧ ମାଟି ଗୋବରରେ ଚଟାଣ ଲିପିବା ପ୍ରଭୃତି ସେବା-ମୂଳକ ଯୋଜନା,

ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ—(୧) ଦୈନନ୍ଦିନ ସମ୍ବାଦ କଳା ପଟାରେ ଲେଖିବା, (କଳା

ପତାକି କାନ୍ଥରେ ହେଲେ ଭଲ ।)

(୨) ସମାଜ ସେବା—ବାଳଚର, ବାଳିକା ସେବାଦଳ (ଗାର୍ଲ ଗାଇଡ୍) ମେଳା ମହୋତ୍ସବରେ ସ୍ୱେଚ୍ଛା-ସେବକ ଦଳ ଗଠନ କରିବା, ସ୍ୱାସ୍ଥ୍ୟ ବିଧାୟକ ଅଭିଯାନରେ ଯୋଗଦେବା, ନିରକ୍ଷରତା ଦୂରୀକରଣ ପ୍ରଭୃତି ।

(୩) ଖଣ୍ଡ ସ୍ରୋତ ସୂର୍ଯ୍ୟଙ୍କ ଅବସ୍ଥାନ ଅନୁସାରେ ଛାଇର ପରିବର୍ତ୍ତନ ଲକ୍ଷ୍ୟ କରିବା (Shadow Pole) ବାୟୁର ଦିଗ ନିର୍ଦ୍ଦେଶକ (Weather Cock) ଯନ୍ତ୍ର ନିର୍ମାଣ କରିବା ।

[୪) ପ୍ରାଥମିକ ଚିକିତ୍ସା ଏବଂ ସାଧାରଣ ରୋଗର ଚିକିତ୍ସା ବିଷୟରେ ସୂଚନା । ସ୍ଥାନୀୟ ଖାଦ୍ୟ ଦ୍ରବ୍ୟକୁ ନେଇ ସୁଷମ ଖାଦ୍ୟ ତାଲିକା ପ୍ରସ୍ତୁତ କରିବା ।

*(୫) ତାପମାନ ଯନ୍ତ୍ର, ଚାପମାନ ଯନ୍ତ୍ର (Barometer) ନିକିତି, ବିପତି-

Digitized by srujanika@gmail.com

କଷ, ରେଞ୍ଜ, ଉହା ଏବଂ ଯଦ୍ୱାରା ସୁବିଧା ହୁଏ, ସେତେକାହା ଯନ୍ତ୍ର ପ୍ରଭୃତିର ବ୍ୟବହାର ସମ୍ବନ୍ଧରେ ଜାଣିବା ।

(୬) ସ୍କୁଲରେ ଗୋଟିଏ ସମବାୟ ଭଣ୍ଡାର ଗଢିବା ।

(୭) ଶ୍ରେଣୀ ଶ୍ରେଣୀ ମଧ୍ୟରେ, ସ୍କୁଲ ସ୍କୁଲ ମଧ୍ୟରେ, ସ୍କୁଲ ଏବଂ ଅଭିଭାବକଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତାର ବ୍ୟବସ୍ଥା କରିବା ।

(୮) ପଞ୍ଚଶୀଳ ନୀତି, ଅର୍ଥନୀତି, ରାଜ୍ୟ ମନ୍ତ୍ରୀମଣ୍ଡଳ ଗଠନ ହଇଜା, ମ୍ୟାଲେରିଆ ପ୍ରଭୃତି ରୋଗର ପ୍ରତିଷେଧକ ବ୍ୟବସ୍ଥା —ଏହି ସବୁ ବିଷୟରେ ଚାର୍ଟ ଓ ଚିତ୍ର ପ୍ରଭୃତି ତିଆରି କରିବା ଏ ସବୁ ପିଲାଙ୍କ ଶିକ୍ଷାରେ ବ୍ୟବହାର କରାଯିବ । ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ସମ୍ପର୍କରେ ମଧ୍ୟ ଜ୍ଞାନ ଲାଭ କରିବା ।

Digitized by srujanika@gmail.com

(୯) ସ୍କେଲ୍ ସାହାଯ୍ୟରେ ବା ବିନା ସ୍କେଲରେ ସର୍ଭେ ଏବଂ ନକ୍ସା କରିବା ବିଷୟରେ ସାଧାରଣ ଅଭ୍ୟାସ କରିବା । ଶ୍ରେଣୀ କୋଠରୀ, ସ୍କୁଲ୍ ଘର ଏବଂ ସ୍କୁଲ୍ ହତା ସର୍ଭେ କରାଯିବ ।

(୧୦) ଶ୍ରେଣୀର କାନ୍ଥ ଏବଂ ଚଟାଣକୁ କୁଟ୍ଟିକମ କରି ସଜାଇବାକୁ ହେବ ।

(୧୧) ନକ୍ଷତ୍ରଗୁଡ଼ିକର ସାଧାରଣ ପରିଚୟ ।

ସୁବିଧା ଦେଖି ଉପରୋକ୍ତ ବିଷୟଗୁଡ଼ିକରୁ ଗୋଟିଏ ବା ତତୋଽଧିକର ପ୍ରବର୍ତ୍ତନ କରାଯିବ । ଶିକ୍ଷକ ଏବଂ ପରିଦର୍ଶକମାନେ ସ୍ୱାଗତ ଭିନ୍ନ ଉପଯୁକ୍ତ ସମୟରେ ସେଗୁଡ଼ିକର ପ୍ରବର୍ତ୍ତନ କରାଇବେ ।

II ଧନ୍ଦା—

ଶିଶୁଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସେମାନେ ଅନ୍ତତଃ ଗୋଟିଏ ଧନ୍ଦା ଅଭ୍ୟାସ କରିବା ନିତାନ୍ତ ଆବଶ୍ୟକ । ପିଲା ସ୍କୁଲରେ ବିଦ୍ୟାରମ୍ଭ କରିବା ପୂର୍ବରୁ ନିଜ ଅଙ୍ଗୁଳି ପ୍ରଭୃତି ଅବୟବର ବିଭିନ୍ନ ବ୍ୟବହାର କରିଥାଏ ଏବଂ ତଦ୍ ସମନ୍ୱୟରେ ନିଜ ମସ୍ତିଷ୍କର ଗୃଳନା କରିଥାଏ । କିନ୍ତୁ ସ୍କୁଲ ପରିସର ମଧ୍ୟରେ

Digitized by srujanika@gmail.com

ଏହି ପ୍ରକ୍ରିୟା ବନ୍ଦ ହୋଇ ଶିଶୁର ବିକାଶ ବାଧାପ୍ରାପ୍ତ ହେଲା ପରି ଜଣାପଡ଼େ । ମାତ୍ର ଧନ୍ଦା ପ୍ରଭୃତି ଉଦ୍ୟୋଗ ସମ୍ବନ୍ଧୀୟ କାର୍ଯ୍ୟାବଳୀର ପ୍ରବର୍ତ୍ତନ କରାଗଲେ ଏହି ସ୍ୱାଭାବିକ ବିକାଶରେ ଗତି ପ୍ରତିହତ ହେବ ନାହିଁ ଏକଥା ସତ୍ୟ ଯେ ସ୍କୁଲରେ ଧନ୍ଦାର ପ୍ରବର୍ତ୍ତନ ସାଧାରଣତଃ ବ୍ୟୟସାପେକ୍ଷ; କିନ୍ତୁ ଅତି ଅଳ୍ପ ଖର୍ଚ୍ଚରେ କେତୋଟି ସାଧାରଣ ଧନ୍ଦା ଶିକ୍ଷା ଦିଆଯାଇ ପାରିବ । ଏ ପ୍ରକାର ଧନ୍ଦାର ଗୋଟିଏ ତାଲିକା ତଳେ ଦିଆ ଯାଉଅଛି । ଏଥିପାଇଁ ପିଲାମାନଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇ ପାରେ । ଯଥା—[୧] ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରମାନଙ୍କ ପାଇଁ ଓ [୨] ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରମାନଙ୍କ ପାଇଁ । ଏ ତାଲିକା କେତେବେଳେ ପର୍ଯ୍ୟାପ୍ତ ନୁହେଁ । ଅର୍ଥର ସୁବିଧା ଥିଲେ ଏବଂ ସ୍ଥାନୀୟ ପରିସ୍ଥିତି ଅନୁକୂଳ ହୋଇଥିଲେ ଅନ୍ୟାନ୍ୟ ଉପଯୋଗୀ ଧନ୍ଦା ପ୍ରଚଳନ କରାଯାଇ ପାରେ । ଯେଉଁଠି ଯେଉଁ ପ୍ରକାରର ଉପାଦାନ ମିଳୁଥିବ ଓ ଲୋକଙ୍କ କାମ—ଧନ୍ଦା ଯେପରି ହୋଇଥିବ, ତଦନୁସାରେ ଧନ୍ଦା ମଧ୍ୟ ଦିଆ ଯାଇ ପାରେ ।

II (୧) ପ୍ରଥମ ବିଭାଗ—ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ—

(କ) ପନିପରିବା ଚାଷ ।

(ଖ) ମାଟିରେ ବିଭିନ୍ନ ମୂର୍ତ୍ତିଗଠନ ।

(ଗ) ସୂତାକଟା ।

(ଘ) ମସିଣା ବୁଣା ।

(ଙ) ଖେଳନା ତିଆରି ।

(ଚ) କାଗଜମଣ୍ଡରେ ହାତକାମ ।

Digitized by srujanika@gmail.com

II [୨] ଦ୍ୱିତୀୟ ଭାଗ—ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ—

[କ] ଦର୍ଜି କାମ ।
[ଖ] ଦଉଡ଼ି ବଳା ।
[ଗ] କାଠକାମ ।
[ଘ] ତନ୍ତକାମ ।
[ଙ] କମାର କାମ ।
[ଚ] ସିଲେଇ ଏବଂ ବୁଣାବୁଣି କାମ ।
[ଛ] କଳ-କବ୍ଜା କାମ ।

ଶିକ୍ଷକ ତାଲିମ—

ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଅଧିକାଂଶ ଶିକ୍ଷକ ତାଲିମ ପାଇ ନାହାନ୍ତି । ତେଣୁ ଏହି ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସେମାନଙ୍କୁ ଏ ସମ୍ପର୍କରେ ଧାରଣା ଦେବା ଏକାନ୍ତ ଆବଶ୍ୟକ; ସେଥିନିମନ୍ତେ ରାଜ୍ୟ ସ୍ତରରେ, ଜିଲ୍ଲା ସ୍ତରରେ, ସବ୍‌ଇନ୍‌ସ୍‌ପେକ୍‌ଟରଙ୍କ ସର୍କଲ ସ୍ତରରେ ଆଲୋଚନା ଚକ୍ର [ସେମିନାର] ଅନୁଷ୍ଠିତ ହେବା ଉଚିତ । ଏହି ସବୁ ଆଲୋଚନା ଚକ୍ରରେ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମର ତଥ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଶିକ୍ଷକ ଓ ପରିଦର୍ଶକ କର୍ମଚାରୀମାନେ ଭଲଭାବରେ ଜ୍ଞାନ ଲାଭ କରିବେ । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟରେ ପରିଣତ କରାଗଲେ ଯେଉଁ ସବୁ ଅସୁବିଧା ହେବ ସେ ସମ୍ବନ୍ଧରେ ସେମାନେ ଆଲୋଚନା କରିବେ ଓ ସେ ସବୁ ଅସୁବିଧାକୁ କିପରି ଦୂର କରାଯାଇ ପାରେ ସେ ବିଷୟରେ ଉପାୟ ସ୍ଥିର କରିବେ ।

Digitized by srujanika@gmail.com

ପ୍ରତି ଜିଲ୍ଲାରେ କେତେକ ମୌଳିକ ଓ କେତେକ ସାଧାରଣ ଶିକ୍ଷକ ତାଲିମକେନ୍ଦ୍ର ଅଛି। ଏହି ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟାବଳୀ ମୌଳିକ ଶିକ୍ଷକ ତାଲିମ ଭବନରେ ସନ୍ନିବେଶିତ କିମ୍ବା ଦିଆଯାଏ, ଯାହା ଫଳରେ ପ୍ରତ୍ୟେକ ଗୁରୁଜନ ଏ ସବୁ ବିଷୟରେ ପ୍ରବୀଣ ହୋଇ ଯାଉଛନ୍ତି। କିନ୍ତୁ ଅମୌଳିକ [ସାଧାରଣ] ଶିକ୍ଷକ ତାଲିମ କେନ୍ଦ୍ରରେ ଏଥି ପାଇଁ ସୁବିଧା ନ ଥାଇ ପାରେ। ଏହିକି ଯେଉଁ ଶିକ୍ଷକମାନେ ତାଲିମ ପାଇବେ, ପ୍ରତ୍ୟେକେ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟାବଳୀ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଲାଭ କରିବେ। ତେଣୁ [illegible] କେତେକ କାର୍ଯ୍ୟକ୍ରମ ପ୍ରତ୍ୟେକ ଅମୌଳିକ ଶିକ୍ଷକ ତାଲିମ କେନ୍ଦ୍ରରେ ତୁରନ୍ତ ପ୍ରବର୍ତ୍ତନ କରାଯିବା ଉଚିତ। ଏହା ଫଳରେ ଏହି ସବୁ ଶିକ୍ଷକ ତାଲିମ-କେନ୍ଦ୍ରରୁ ଏହିକି ଯେଉଁ ଶିକ୍ଷକମାନେ ତାଲିମ ପାଇବେ, ସେମାନେ ଏ ବିଷୟରେ ସମ୍ୟକ୍ ଜ୍ଞାନ ଲାଭ କରିବେ ଏବଂ ସଫଳତାର ସହିତ କାର୍ଯ୍ୟକ୍ରମକୁ ଆଗେଇ ନେଇ ପାରିବେ।

ଉତ୍ତମ ତତ୍ତ୍ୱାବଧାନର ବ୍ୟବସ୍ଥା —

କର୍ତ୍ତବ୍ୟର ସୁସମ୍ପାଦନ ପାଇଁ ତତ୍ତ୍ୱାବଧାୟକ ଏକାଧାରରେ ନାୟକ ଓ ଶିକ୍ଷାଦାତା ହେବେ। ନିତ ଦିନର ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ଅନେକ କାର୍ଯ୍ୟ କରିବାକୁ ପଡ଼ିବ। କିନ୍ତୁ ସ୍କୁଲ ପରିଦର୍ଶନ ତାଙ୍କର ମୁଖ୍ୟକର୍ମ ହେବା ଉଚିତ; ଏହାଦ୍ୱାରା ସେ କେବଳ ଶିକ୍ଷକଙ୍କର ଭ୍ରମ ସଂଶୋଧନ କରିବେ ତାହା ନୁହେଁ। ସେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବେ। ଏବେ ତାଙ୍କର ଗତାନୁଗତିକ କାର୍ଯ୍ୟ ଏତେ ଅଧିକ ହୋଇ ପଡ଼ୁଛି ଯେ ମୁଖ୍ୟ କର୍ତ୍ତବ୍ୟଟି ଅବହେଳିତ

Digitized by srujanika@gmail.com

ହୋଇପାରି ଜଣାଯାଏ । ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ସଫଳତା ମୁଖ୍ୟତଃ ପରିଦର୍ଶକ, କର୍ମଗୋଷ୍ଠୀମାନଙ୍କର ନେତୃତ୍ୱ ଏବଂ ନିରବଚ୍ଛିନ୍ନ କର୍ତ୍ତବ୍ୟ ସମ୍ପାଦନ ଉପରେ ନିର୍ଭର କରେ । ଶିକ୍ଷକମାନଙ୍କର ଆଲୋଚନାଚକ୍ର ପରିଦର୍ଶକ କର୍ମଗୋଷ୍ଠୀ-ମାନଙ୍କ ଦ୍ୱାରା ପରିଚାଳିତ ହେବ । ସେଥିରେ ଏହି କାର୍ଯ୍ୟକ୍ରମର ବିଧି, ପ୍ରଣାଳୀ ଓ ଯୋଜନା ସମ୍ପର୍କରେ ଆଲୋଚନା ହେବ । ଯଦି ପରିଦର୍ଶକ କର୍ମଗୋଷ୍ଠୀ ସେଠିକ କରି ବୁଝିଦିଅନ୍ତି, ତେବେ ଏହି କାର୍ଯ୍ୟକ୍ରମ ସଫଳ ହୋଇ ପାରିବ ନାହିଁ । ସେମାନେ ବିଦ୍ୟାଳୟକୁ ବାରମ୍ବାର ପରିଦର୍ଶନ କରିବେ ଏବଂ ଶିକ୍ଷକମାନଙ୍କୁ ସାହାଯ୍ୟ କରିବେ ଓ ମାର୍ଗ ପ୍ରଦର୍ଶନ କରିବେ ।

ଏହି ଉଦ୍ଦେଶ୍ୟରେ :

[୧] ସବ୍ଇନ୍ସପେକ୍ଟରେ ଗୋଟିଏ ସ୍କୁଲ ପରିଦର୍ଶନ କରିବା ପାଇଁ ଅନ୍ତତଃ ପୂରାପୁରି ଗୋଟିଏ ଦିନ ଦେବେ । ଏ ପ୍ରକାର ପରିଦର୍ଶନ ବର୍ଷରେ ଅନ୍ତତଃ ଦୁଇଥର ହେବା ଦରକାର ।

[୨] କୌଣସି ସ୍କୁଲ୍ ସବ୍ଇନ୍ସପେକ୍ଟରଙ୍କ ଅଧୀନରେ ୫୦ରୁ ଅଧିକ ସ୍କୁଲ ରହିବା ଉଚିତ ନୁହେଁ । ସବ୍ଇନ୍ସପେକ୍ଟରଙ୍କ ଅଞ୍ଚଳ ଏପରି ନିର୍ଦ୍ଧାରିତ ହେବ ଯେ ସେ ପ୍ରତି ସ୍କୁଲକୁ ବର୍ଷରେ ଅନ୍ତତଃ ଦୁଇଥର ପରିଦର୍ଶନ କରିବାକୁ ଯିବାରେ କୌଣସି ଅସୁବିଧା ହେବନାହିଁ ।

[୩] ପରିଦର୍ଶନ କାଳରେ ଯଦି କୌଣସି ସ୍କୁଲରେ ଅନୁଷ୍ଠିତ ଓରିଏଣ୍ଟେସନ୍ ପ୍ରଣାଳୀ ଆଶାନ୍ୱିତ ଫଳୋତ୍ପାଦକ ହୁଏ,

Digitized by srujanika@gmail.com

ତେବେ ସେମାନଙ୍କ କର୍ମଚାରୀ ତାଙ୍କ ଉପରିସ୍ଥ କର୍ମଚାରୀଙ୍କ ଜରିଆରେ ଡିରେକ୍ଟରଙ୍କୁ ପ୍ରଣାଳୀ ଓ ଫଳାଫଳ ସହ ସବିଶେଷ ବିବରଣୀ ଜଣାଇବେ । ଶିକ୍ଷା ବିଭାଗର ଡିରେକ୍ଟର ସେହି ବିଷୟଟି ବିଚାର କରି ଉଚିତ ମନେ-କଲେ ସେ ଅନ୍ୟ ପ୍ରଦେଶର କର୍ମଚାରୀ ଓ ଶିକ୍ଷାନୁଷ୍ଠାନର ଦୃଷ୍ଟି ସେଥିପ୍ରତି ଆକର୍ଷଣ କରିବେ ।

[୪] ଓରିଏଣ୍ଟେସନ୍ ବିଧିର ପରୀକ୍ଷା ପାଇଁ ସ୍କୁଲ ସବଇନ୍ସ-ପେକ୍ଟର ଅନ୍ତତଃ ଗୋଟିଏ ନିମ୍ନ ପ୍ରାଥମିକ ଏବଂ ଆଉ ଗୋଟିଏ ଉଚ୍ଚପ୍ରାଥମିକ ବିଦ୍ୟାଳୟ [ଯଦି ଗୋଟିଏ ନିମ୍ନ-ପ୍ରାଥମିକ ବିଦ୍ୟାଳୟ ନ ଥାଏ, ତେବେ ଦୁଇଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ] ରେ ଏହି ବିଧିକୁ ନିଜେ ପ୍ରୟୋଗ କରିବେ । ଆଖ ପାଖର ସ୍କୁଲ ପାଇଁ ଏହି ସ୍କୁଲଟି ଆଦର୍ଶ କେନ୍ଦ୍ରରୂପେ ପରିଗଣିତ ହେବ ।

[୫] ସେହିପରି ଡେପୁଟୀ ଇନ୍ସପେକ୍ଟର ଓ ଜିଲା ଇନ୍ସପେକ୍ଟର ମାନେ ଠିକ୍ ସେହି ଉଦ୍ଦେଶ୍ୟରେ ଗୋଟିଏ ଉଚ୍ଚ ଏଲି-ମେଣ୍ଟାରୀ ସ୍କୁଲ ବା ମାଇନର ସ୍କୁଲରେ ମୌଳିକ ଶିକ୍ଷା-ଭିମୁଖୀ ପଦ୍ଧତିର ପ୍ରୟୋଗ କରିବେ ।

[୬] ଯଦି କୌଣସି ସ୍କୁଲର ଅବସ୍ଥା ଅନୁକୂଳ ବୋଲି ମନେ କରାଯାଏ, ତେବେ ସବ୍‌ଇନ୍ସପେକ୍ଟର, ଡେପୁଟୀ ଇନ୍ସ-ପେକ୍ଟର ଓ ଜିଲା ଇନ୍ସପେକ୍ଟରମାନେ ପଦ୍ଧତିନ

Digitized by srujanika@gmail.com

ସମୟରେ ନୂତନ, ନୂତନ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟା-
ବଳୀର ପ୍ରଚଳନ ଲାଗି ନିର୍ଦ୍ଦେଶ ଦେବେ ।

ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାର ପ୍ରଣାଳୀ

ସାଧାରଣତଃ ପାଠୁଆ ପିଲମାନେ କୌଣସି ଶରୀରକର୍ମ କରିବାକୁ ଘୃଣା କରନ୍ତି ଏବଂ ଏପରିକି ଅତି ସାମାନ୍ୟ କାମପାଇଁ ବି ଅନ୍ୟ ଉପରେ ନିର୍ଭର କରନ୍ତି । ଆମେ ଯେତେ ପ୍ରକାରର କାରିଗର ଦରକାର କରୁଁ ସେତେ ମିଳୁ ନାହାନ୍ତି । ଆଜିର ଶିକ୍ଷା ବ୍ୟବସ୍ଥା ଯଦି ଏହିପରି ଚାଲେ, ତେବେ କଳକାରଖାନା ଏବଂ କୃଷିକ୍ଷେତ୍ରରେ ଶରୀରଶ୍ରମ କରିବାପାଇଁ ଅତ୍ୟଳ୍ପ ଲୋକ ରହିବେ, ପିଲେ କମିତ ସୁନ୍ଦି ବାବୁ-ଚାକିରି ଖଣ୍ଡେ ପାଇପାରିବେ ଏଇ ଆଶା ନେଇ ବାପ ମା ମାନେ ପିଲଙ୍କୁ ସ୍କୁଲକୁ ପଠାନ୍ତି । ଯଦି କୌଣସି ପ୍ରକାରର ଶରୀରଶ୍ରମ ସ୍କୁଲରେ ପ୍ରବର୍ତ୍ତନ କରାଗଲା, ତେବେ ସେମାନେ ତାହାର ବିରୋଧ କରନ୍ତି । ସେମାନେ ଯୁକ୍ତି ଦେଖାନ୍ତି ଯେ ସେମାନଙ୍କ ପିଲେ ଘରେ ଶରୀରଶ୍ରମ କରି ପାରିବେ ଏବଂ ତଦ୍ୱାରା ପରିବାରର ଆୟ ବଢାଇ ପାରିବେ । ତେଣୁ ସେ ପ୍ରକାରର ସ୍କୁଲ ସେମାନଙ୍କୁ ଲୋଡ଼ା ନାହିଁ ବୋଲି ଭାବନ୍ତି ।

ଏହି ସବୁ କାରଣରୁ ଧନ୍ଦା ଏବଂ ଅନ୍ୟାନ୍ୟ କାର୍ଯ୍ୟର ପ୍ରବର୍ତ୍ତନ ପାଇଁ ଆଖ ପାଖ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ଉଚିତ । ପିଲଙ୍କ ପାଠ ପଢ଼ାରେ କୌଣସି କ୍ଷତି

Digitized by srujanika@gmail.com

ଘଟିବ ନାହିଁ ବୋଲି ସେମାନଙ୍କୁ ବୁଝାଇ ଦେବାକୁ ହେବ । ଧନ୍ଦାକାମ ଏପରି ଶିକ୍ଷା ଦିଆଯିବ ଯେ ଲୋକମାନେ ସେଥିରୁ କିଛି ଉପକାର ପାଉଛନ୍ତି ବୋଲି ହୃଦ୍‌ବୋଧ କରିବେ । ଧନ୍ଦା ଶିକ୍ଷା ବେଳରେ ଶିକ୍ଷକ ଛାତ୍ରମାନଙ୍କ ସହିତ କାର୍ଯ୍ୟ କରିବେ । ତାହାହେଲେ ଛାତ୍ରମାନେ ଏବଂ ଏପରିକି ସେମାନଙ୍କ ଅଭିଭାବକମାନେ ଏ ପ୍ରକାର କାର୍ଯ୍ୟର ମର୍ଯ୍ୟାଦା ଉପଲବ୍ଧି କରି ପାରିବେ । ଛାତ୍ରମାନଙ୍କ ଉପରେ ପରିଶ୍ରମର ଅତିରିକ୍ତ ଚାପ ଲଦିବା ଉଚିତ ନୁହେଁ । ଏହାଦ୍ୱାରା ତା'ର କାମପ୍ରତି ଅସହଯୋଗ ମନୋଭାବ ଜନ୍ମିବ । ପ୍ରତ୍ୟେକ କାମପାଇଁ ଉପଯୁକ୍ତ ଯୋଗାଯୋଗ ସୃଷ୍ଟି କରିବାକୁ ହେବ । ତେବେ ଯାଇଁ ପିଲାମାନେ ଏ ସବୁ କାମରୁ ଆନନ୍ଦ ଲାଭ କରି ପାରିବେ । ସେଥିପ୍ରତି ଲକ୍ଷ୍ୟ ରଖି ନିମ୍ନଲିଖିତ ସୂଚନା ଦିଆ ଯାଉଅଛି ।

[୧] ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମର ଯୋଜନା ଆଖପାଖ ଲୋକମାନଙ୍କର ଅଭିଳାଷ ଓ ଆବଶ୍ୟକତା ଅନୁଯାୟୀ ହେବା ଉଚିତ । ଏହି ଯୋଜନା ଏପରି କୌଶଳରେ କରାଯିବ ଯେ ଛାତ୍ରମାନେ ସ୍ୱତଃ ପ୍ରଣୋଦିତ ହୋଇ ଉକ୍ତ କାର୍ଯ୍ୟରେ ଉତ୍ସାହ ଓ ସହଯୋଗ ଦେଖାଇବେ ।

[୨] ମୌଳିକ ଶିକ୍ଷାଭିମୁଖୀ ପ୍ରକ୍ରିୟା ଧାରାବାହିକ ଓ ଗତିଶୀଳ ହେବ ।

[୩] ଶିକ୍ଷକମାନେ ପ୍ରତିକାର୍ଯ୍ୟରେ ଛାତ୍ରମାନଙ୍କ ସହିତ ଯୋଗ ଦେବେ ।

Digitized by srujanika@gmail.com

[୪] ପିଲମାନଙ୍କ ଶକ୍ତିକୁ ଦୃଷ୍ଟିଦେଇ ଶରୀରଶ୍ରମର ବ୍ୟବସ୍ଥା କରାଯିବ । ଏଥିରେ ଶିକ୍ଷକଙ୍କର ଛାତ୍ରଙ୍କ ପ୍ରତି ସହାନୁଭୂତି ରହିବ ଓ ସେ ସେମାନଙ୍କର ସାମର୍ଥ୍ୟର ବିବେଚନା କରିବେ ।

[୫] ସମସ୍ତ କାର୍ଯ୍ୟ ଗୁରୁଶିଷ୍ୟଙ୍କ ପାରସ୍ପରିକ ବୁଝାମଣା ଉପରେ ପର୍ଯ୍ୟବସିତ ହେବ ।

[୬] ଶରୀରଶ୍ରମ ପ୍ରତି ଛାତ୍ରମାନଙ୍କର ଅନୁରାଗ ଜନ୍ମାଇବା ଓ ଯନ୍ତ୍ରପାତିର ବ୍ୟବହାର ଦିଗରେ ସେମାନଙ୍କୁ ଆଗ୍ରହୀ କରାଇବା ଉଦ୍ଦେଶ୍ୟରେ ଧନ୍ଦାଶିକ୍ଷା ଦିଆଯିବ ।

[୭] ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀରେ ଉତ୍ପାଦନ ପ୍ରତି ଦୃଷ୍ଟି ଦେଇ ଧନ୍ଦାଶିକ୍ଷା ଦିଆଯିବ ।

ମାନନିର୍ଦ୍ଧାରଣ [Assessment]—

ଏପର୍ଯ୍ୟନ୍ତ ପିଲମାନେ ପାଠପଢ଼ାରେ କେତେଦୂର ଆଗେଇଛନ୍ତି ଏହାର ପରୀକ୍ଷା କରାଯାଉଅଛି । ବ୍ୟକ୍ତି-ନିରପେକ୍ଷ ମାନ ନିର୍ଦ୍ଧାରଣ ପାଇଁ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ଛାତ୍ରର କ୍ରମ ବିକାଶ ଲିପିବଦ୍ଧ କରିବାପାଇଁ କୌଣସି ବୈଜ୍ଞାନିକ କିମ୍ବା ବ୍ୟବସ୍ଥିତ ଚେଷ୍ଟା ହୋଇନାହିଁ । ସାଧାରଣତଃ ଛାତ୍ରମାନେ ତଥା ଅଭିଭାବକମାନେ ଯେଉଁ ବିଷୟଗୁଡ଼ିକରେ ପରୀକ୍ଷା ହୁଏ, ସେହି ବିଷୟଗୁଡିକ ଉପରେ ଗୁରୁତ୍ୱ ଦେବାର ଜଣାଯାଏ । [ଯାହାର ଫଳ ଉପରେ ପିଲମାନଙ୍କର ଗୋଟିଏ ଶ୍ରେଣୀର ଅନ୍ୟଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ବା ପୁନ-

Digitized by srujanika@gmail.com

ଙ୍କାର ଆଦ ପାଇବା ନିର୍ଭର କରେ ।] ଏହା ସ୍ପୃହଣୀୟ ନୁହେଁ ।
ପିଲଙ୍କ ବ୍ୟକ୍ତିଗତ ଗୁଣ-ବିକାଶ ଏବଂ ଧନ୍ଦାକାମରେ ଦକ୍ଷତା ହେଉଛି
କି ନାହିଁ ଏଥିପାଇଁ ସେମାନଙ୍କର ବ୍ୟବସ୍ଥିତ ମାନ-ନିର୍ଣ୍ଣୟ ପ୍ରତି-
ସ୍କୁଲରେ ନିୟମିତ ଭାବରେ କରାଯିବ । ଗୋଟିଏ ଶ୍ରେଣୀରୁ ଅନ୍ୟ
ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାପାଇଁ ଏଥିପ୍ରତି କେତେକାଂଶରେ ଗୁରୁତ୍ୱ
ଦିଆଯିବ । ଧନ୍ଦା କାମରେ ପିଲଙ୍କ ପ୍ରଗତିର ବ୍ୟକ୍ତି ନିରପେକ୍ଷ
ମାନ ନିର୍ଦ୍ଧାରଣ କରାହେବ । କିନ୍ତୁ ପିଲଙ୍କ ବ୍ୟକ୍ତିଗତ ଗୁଣର ବିକାଶ
ନିର୍ଣ୍ଣୟରେ ଯେ କୌଣସି ମାନ-ନିର୍ଦ୍ଧାରଣ ବ୍ୟକ୍ତି-ସାପେକ୍ଷ ହେବ ।
ଏ ପ୍ରକାର ବ୍ୟକ୍ତି ସାପେକ୍ଷ ମାନ ନିର୍ଦ୍ଧାରଣକୁ ଶ୍ରେଣୀରୁ ଉତ୍ତୀର୍ଣ୍ଣ
କରିବା ଆଦି ଦିଗରେ ବ୍ୟବହାର କରାଗଲେ ମଧ୍ୟ ପ୍ରମାଦ ରହିଛି ।
ତେଣୁ ପିଲମାନଙ୍କ ବ୍ୟକ୍ତିଗତ ଗୁଣ ବିକାଶର ମାନ-ନିର୍ଦ୍ଧାରଣ
ବିଚାରକୁ ନ ଆଣିବା ବିଧେୟ ।

ପାଠପଢାରେ ଯେତେ ଘଣ୍ଟା ସମୟ ଦିଆଯିବ ଧନ୍ଦା
କାମରେ ତା'ର ଗୃରଗୁଣରୁ ବେଶୀ ସମୟ ଦିଆଯିବ । ସେହି
ଅନୁସାରେ ପାଠପଢା ଓ ଧନ୍ଦାକାମ ପାଇଁ ରଖା ଯାଇଥିବା
ନମ୍ବରର ଅନୁପାତ ୪: ୧ ହେବା ବିଧେୟ ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ନିମ୍ନଲିଖିତ
ସୂଚନା ଦିଆଯାଉ ଅଛି ।

୧—ଛାତ୍ରମାନଙ୍କର ବ୍ୟକ୍ତିଗତ ଗୁଣର ବିକାଶ ଶିକ୍ଷକମାନେ
ପର୍ଯ୍ୟବେକ୍ଷଣ କରି ଗୋଟିଏ ତିନିଶ୍ରେଣୀଆ ସ୍କେଲ୍ [Three
Point scale]ରେ ମାନ ନିର୍ଣ୍ଣୟ କରିବେ । ଯେଉଁ ଯେଉଁ

Digitized by srujanika@gmail.com

ବ୍ୟକ୍ତିଗତ ଗୁଣର ମାନ-ନିର୍ଣ୍ଣୟ କରାଯିବ ତାହାର ସୂଚନା ତଳେ ଦିଆଗଲା ।

[କ] ଉପସ୍ଥିତି

[ଖ] ସମୟାନୁବର୍ତ୍ତିତା

[ଗ] ଗୋଷ୍ଠୀ ଜୀବନ

[ଘ] ପରିଷ୍କାର ପରିଚ୍ଛନ୍ନତା

[ଙ] ନେତୃତ୍ୱ

[ଚ] ସ୍ୱାସ୍ଥ୍ୟ

[ଛ] ଖେଳ, କସରତରେ ଦକ୍ଷତା

[ଜ] ସାଂସ୍କୃତିକ କାର୍ଯ୍ୟାବଳୀରେ ଆଗ୍ରହ

(୨) ପଢ଼ା ବିଷୟ ଓ ଧନ୍ଦାରେ ପୂର୍ଣ୍ଣ ସଂଖ୍ୟା ୪:୧ ଅନୁପାତରେ ଧାର୍ଯ୍ୟ କରାଯିବ ।

(୩) ପଢ଼ା ବିଷୟ ଓ ଧନ୍ଦାରେ ପୃଥକ୍ ଭାବରେ ପାସ୍ କଲେ ଛାତ୍ର ଗୋଟିଏ ଶ୍ରେଣୀରୁ ଅନ୍ୟ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ପାରିବ ।

(୪) ପଞ୍ଚମଶ୍ରେଣୀ ଏବଂ ସପ୍ତମ ବା ଅଷ୍ଟମ ଶ୍ରେଣୀ ଶେଷରେ ଯେଉଁ ପରୀକ୍ଷା ହେବ ସେଥିରେ ସେହି ସ୍କୁଲର ଶିକ୍ଷକ, ଅନ୍ୟ ସ୍କୁଲ ଶିକ୍ଷକ ଏବଂ ପରିଦର୍ଶକ କର୍ମଚାରୀମାନେ ସମ୍ପୃକ୍ତ ରହିବେ ।

Digitized by srujanika@gmail.com

(୫) ରେଜିଷ୍ଟରରେ ଦିଆ ଯାଇଥିବା ଫର୍ମ ଅନୁଯାୟୀ ପ୍ରତ୍ୟେକ ସ୍କୁଲ ଗୋଟିଏ ରେଜିଷ୍ଟର ରଖିବେ । ପ୍ରତ୍ୟେକ ଛାତ୍ରପାଇଁ ଗୋଟିଏ ଲେଖାଏଁ ପୃଷ୍ଠା ସେହି ରେଜିଷ୍ଟରରେ ରହିବ । ପଢ଼ା ବିଷୟ ଓ ଧନ୍ଦାରେ ଛାତ୍ର ପାଇଥିବା ନମ୍ବର ଏବଂ ବ୍ୟକ୍ତିଗତ ଗୁଣ ବିଷୟରେ ଶିକ୍ଷକଙ୍କର ମନ୍ତବ୍ୟ ବର୍ଷକୁ ବର୍ଷ ସେଥିରେ ଲେଖିବାକୁ ହେବ । ଏ ଉଦ୍ଦେଶ୍ୟରେ ରେଜିଷ୍ଟରରେ ଯେଉଁ ଫର୍ମର ସୂଚନା ଦିଆ ଯାଇଅଛି, ତାହା ଶିକ୍ଷାବିଭାଗ ପ୍ରତି ସ୍କୁଲକୁ ବିନା ମୂଲ୍ୟରେ ଯୋଗାଇ ଦେବେ ।

(୬) ବାର୍ଷିକ ଟେଷ୍ଟ ସମେତ ପ୍ରତିବର୍ଷ ଦୁଇଟି ପରୀକ୍ଷା ହେବା ଉଚିତ ।

(୭) ଏହି ସବୁ ପରୀକ୍ଷା ଓ ମୂଲ୍ୟାଙ୍କନର ଫଳ ଶିକ୍ଷକ, ଅଭିଭାବକ ଓ ଛାତ୍ରମାନଙ୍କର ଗୋଟିଏ ସଭାରେ ଶୁଣାଇ ଦିଆଯିବ ।

ଗୁରୁଛାତ୍ର ସଂଖ୍ୟାନୁପାତ—

କେତେକ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ମାଟ୍ରିକୁଲେସନ କିମ୍ବା ତତୁଲ୍ୟ ଯୋଗ୍ୟତା ସର୍ବନିମ୍ନ ବୋଲି ଧରାଯାଏ । କିନ୍ତୁ ଅନ୍ୟ କେତେକ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ପାଇଁ ନିମ୍ନ ସୂଚିତ ଯୋଗ୍ୟତାକ୍ରମରେ ସୁବିଧା ଦିଆଯିବା ଉଚିତ ।

Digitized by srujanika@gmail.com

[୧] ତାଲିମ ପ୍ରାପ୍ତ ମାଟ୍ରିକ୍ ଶିକ୍ଷକ

[୨] ମାଟ୍ରିକ୍ ଶିକ୍ଷକ

[୩] ମାଟ୍ରିକ୍ୟୁଲେସନ୍ ପର୍ଯ୍ୟନ୍ତ ପଢ଼ିଥିବା ଶିକ୍ଷକ

ଯଦି ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଏ, ସେମାନଙ୍କୁ ଯଥାଶୀଘ୍ର ତାଲିମ ଦିଆଯିବ । ନିଯୁକ୍ତି ପୂର୍ବରୁ ତାଲିମ ଦିଆଗଲେ ଭଲ ।

ପ୍ରାଥମିକ ବିଦ୍ୟାଳୟରେ ଛାତ୍ରମାନଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ ଦିଆଯିବା ଦରକାର । ଏଥିଛଡ଼ା ଶିକ୍ଷକ ପ୍ରତ୍ୟେକ ଛାତ୍ରର ଅଭିଭାବକ ଏବଂ ଗୋଷ୍ଠୀ ସହିତ ସମ୍ପର୍କ ରଖିବେ ବୋଲି ଆଶା କରାଯାଏ । ଏହି କାରଣରୁ ପ୍ରତ୍ୟେକ ଶ୍ରେଣୀର ଛାତ୍ରସଂଖ୍ୟା ୩୦ରୁ ଅଧିକ ହେବା ଉଚିତ ନୁହେଁ । ଏହାଦ୍ୱାରା ଛାତ୍ରମାନଙ୍କର ମାନ ଉଠିବ । କିନ୍ତୁ ଏହା ଫଳରେ ପ୍ରାଥମିକ ଶିକ୍ଷାର ଦ୍ରୁତ ପ୍ରସାର ବାଧାପ୍ରାପ୍ତ ହୋଇପାରେ । ତେଣୁ ଗୁରୁ ଛାତ୍ର ସଂଖ୍ୟାନୁପାତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସୁପାରିସ୍ ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ରୂପେ ୧:୪୦ ରହିଲେ ଭଲ ହେବ । ଅବଶ୍ୟ ଏଥିରେ ଏହି ସର୍ତ୍ତ ରହିବ ଯେ ପୂର୍ବୋକ୍ତ ଆଦର୍ଶ ସଂଖ୍ୟାନୁପାତ ଯଥାଶୀଘ୍ର ଗୃହୀତ ହେବ ।

ପ୍ରତ୍ୟେକ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ରହିବା ଉଚିତ । କିନ୍ତୁ ବହୁ କାରଣରୁ କେତେକାଞ୍ଚଳରେ ଜଣକିଆ ଶିକ୍ଷକ ବିଶିଷ୍ଟ ସ୍କୁଲ ରହିବା ଅନିବାର୍ଯ୍ୟ । ଏହା ସତ୍ତ୍ୱେ—

Digitized by srujanika@gmail.com

ଚାରୋଟି ଶ୍ରେଣୀଥିବା ସ୍କୁଲରେ ଦୁଇ ଜଣ ଶିକ୍ଷକରୁ କମ୍ ରହିବେ ନାହିଁ ଓ କୌଣସି ସ୍କୁଲର ଛାତ୍ରସଂଖ୍ୟା ୫୦ରୁ ଅଧିକ ହେଲେ ଦ୍ୱିତୀୟ ଶିକ୍ଷକ ନିଯୁକ୍ତ ହେବେ ।

ଧନ୍ଦାକାମ ଅତ୍ୟାବଶ୍ୟକ ବୋଲି ବିବେଚିତ ହୁଏ । ତେଣୁ ଯଥାଶୀଘ୍ର ଏହା ବାଧ୍ୟତାମୂଳକ ହେବା ଉଚିତ । ଏଥିରେ ତାଲିମ ପାଇଥିବା ଶିକ୍ଷକ ନ ହେଲେ ଧନ୍ଦାକାମ ଦକ୍ଷତାର ସହିତ ଚଳାଇ ହେବ ନାହିଁ । ତେଣୁ ଧନ୍ଦା ଶିକ୍ଷକଙ୍କର ତାଲିମ ପାଇଁ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ । ଉଚ୍ଚତର ପ୍ରାଥମିକ ବିଦ୍ୟାଳୟରେ ଏ ପ୍ରକାର ଅନ୍ତତଃ ଜଣେ ଶିକ୍ଷକ ନିଯୁକ୍ତ ହେବେ । ତେଣୁ ପ୍ରସ୍ତାବ କରାଯାଉଅଛି ଯେ ପ୍ରତ୍ୟେକ ମଧ୍ୟ ଇଂରେଜୀ ବିଦ୍ୟାଳୟ [ମିଡ଼ିଲ ଭର୍ଣ୍ଣାକୁ୍ୟଲର ବା ଜୁନିୟର ହାଇ] କିମ୍ବା ସିନିଅର ଏଲିମେଣ୍ଟାରି ସ୍କୁଲରେ ପୂରା ସମୟ ପାଇଁ ଜଣେ ଧନ୍ଦା ଶିକ୍ଷକ ରହିବେ ଏବଂ ଶିକ୍ଷକମାନଙ୍କ ମଧ୍ୟରୁ ଜଣକର ଖେଳ, କସରତ୍ ବ୍ୟାୟାମ ପ୍ରଭୃତି ପାଇଁ ଆବଶ୍ୟକ ତାଲିମ ଥିବ ।

ଉପକରଣ ଓ ଶିକ୍ଷା ସାଧନ ସାମଗ୍ରୀ--

ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଖୁବ୍ ଅଳ୍ପ ଉପକରଣ ଥାଏ ବା ଆଦୌ ନ ଥାଏ । ଶିକ୍ଷା ଫଳପ୍ରଦ ହେବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାଦାନ ସାମଗ୍ରୀ ରହିବା ଆବଶ୍ୟକ । ଏଥିପାଇଁ ଆବଶ୍ୟକ ଆର୍ଥିକ ସାହାଯ୍ୟ ଦିଆଯିବା ଉଚିତ ।

Digitized by srujanika@gmail.com

I [କ] ଶିକ୍ଷା ସାମଗ୍ରୀ—

ଅନ୍ତତଃ ଖଣ୍ଡେ କଳାପଟା, ଚକ୍, ଗଞ୍ଜ୍ୟ, ଭାରତବର୍ଷ ଏବଂ ପୃଥିବୀର ଖଣ୍ଡେ ଖଣ୍ଡେ ମାନଚିତ୍ର ଏବଂ ଗୋଟିଏ ଗ୍ଲୋବ୍ ଗୋଟିଏ ଛୋଟ ଘଣ୍ଟା, ଗୋଟିଏ ବଡ଼ ଘଣ୍ଟା, (wall clock) ଏବଂ ସ୍କୁଲ୍ୟ ଗୃହ ।

[ଖ] ଧନ୍ଦା ସାମଗ୍ରୀ ଓ କଳ କବ୍ଜା—

ଗୋଟିଏ ଦେରେକଷ୍ଠ, ରେଞ୍ଜିଏ, ଭଣ୍ଡାର ଗୋଟିଏ ଟୋକିଏ କରତ ଏହାର ଅନ୍ତର୍ଭୁକ୍ତ ହେବ । ଯେଉଁ ଧନ୍ଦା ବଛାଯିବ, ତଦନୁଯାୟୀ ଉପକରଣ ରଖାଯିବ ।

[ଗ] କାଠ ଜିନିଷ—

[ଘ] ଅନ୍ୟାନ୍ୟ ଉପକରଣ—

ପିଇବା ପାଣି ରଖିବା ପାଇଁ ଗୋଟିଏ ଡ୍ରମ । ଗୋଟିଏ ମଗ ଏବଂ ଶିକ୍ଷକଙ୍କ ପାଇଁ ଖଣ୍ଡିଏ ଗୃହଲଗା ଡେସ୍କ ।

II ଉକ୍ତ ଏଲ୍‌ମେଣ୍ଟାରି କମ୍ପା ମଧ୍ୟ ଇଂରାଜୀ ବିଦ୍ୟାଳୟ ପାଇଁ ନିମ୍ନଲିଖିତ ଜିନିଷ ଯୋଗାଇ ଦିଆଯିବ । ଏ ବାବଦରେ ପାଣ୍ଠି ରହିବା ଆବଶ୍ୟକ ।

(କ) ଖଣ୍ଡେ ଦୈନିକ ସମ୍ବାଦପତ୍ର ଯୋଗାଇ ଦିଆଯିବ । ଶିକ୍ଷକ ଏହାକୁ ନିୟମିତ ଭାବରେ ପଢ଼ିବେ ଓ ବାଛି ବାଛି କେତୋଟି

Digitized by srujanika@gmail.com

ଖବର ପିଲମାନଙ୍କୁ କହାଇବେ । ଉଚ୍ଚ ଶ୍ରେଣୀର ଛାତ୍ର-ମାନେ ମଧ୍ୟ ସମ୍ବାଦପତ୍ର ପାଠ କରିବେ ।

[ଖ] ଉତ୍ତମ ପୁସ୍ତକାଗାର ରହିବ । ଏଥିପାଇଁ ପ୍ରତ୍ୟେକ ସ୍କୁଲକୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ । ପୁସ୍ତକାଗାରକୁ ଉନ୍ନତ ଏବଂ ସମୃଦ୍ଧ କରିବା ପାଇଁ ପ୍ରତିବର୍ଷ କିଛି ଖର୍ଚ୍ଚର ବ୍ୟବସ୍ଥା ରହିବ ।

III

[କ] ଆଞ୍ଚଳିକଭାଷାରେ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମର ଚିନ୍ତା ଏବଂ ପ୍ରଣାଳୀ ବୁଝାଇ ପୁସ୍ତିକା ପ୍ରକାଶିତ ହେବ ଏବଂ ବିନାମୂଲ୍ୟରେ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ବଣ୍ଟାଯିବ । ଏହି ସବୁ ପୁସ୍ତକ ଗୁଡ଼ିକ ସହଜ, ସୁବୋଧ୍ୟ ଓ ଚିତ୍ତାକର୍ଷକ ହେବା ଉଚିତ ।

[ଖ] ରାଜ୍ୟ ସରକାରଙ୍କ ଶିକ୍ଷାପତ୍ରିକା ଏବଂ ସାମାଜିକ ଶିକ୍ଷା-ବିଭାଗର ପ୍ରକାଶନ ଦ୍ୱାରା ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମର ଚିନ୍ତା ଏବଂ ପ୍ରଣାଳୀ ସମ୍ବନ୍ଧରେ ଆବଶ୍ୟକ ପ୍ରଚାର କରାଯିବ ।

Digitized by srujanika@gmail.com

ପରିଶିଷ୍ଟ—

(କ) ବିଦ୍ୟାଳୟକୁ ମୌଳିକ ଶିକ୍ଷା ଅଭିମୁଖୀ କରିବାପାଇଁ କେତେକ ଅତ୍ୟାବଶ୍ୟକ ଜିନିଷର ତାଲିକା ।

---

୧ ଜାତୀୟପତାକା, ପତାକାଦଣ୍ଡ ଓ ଦଉଡ଼ି

୨ ପିଇବା ପାଣି ରଖିବା ପାଇଁ ସୁରେଇ ବା ହାଣ୍ଡି, ଗ୍ଲାସ ଓ ମଗ ପ୍ରଭୃତି

୩ କୋଦାଳ, ଟୋକେଇ ଓ ଖୁଆଡ଼ୁ

୪ ପ୍ରାଥମିକ ଚିକିତ୍ସା ପାଇଁ ଆବଶ୍ୟକ ଜିନିଷ

୫ ସାବୁନ, ତଉଲିଆ ପ୍ରଭୃତି

୬ ବଗିଚା ପାଇଁ ଆବଶ୍ୟକ ସାଧାରଣ ଯନ୍ତ୍ରପାତି

୭ ଧନ୍ଦାର ସାଧାରଣ ଉପକରଣ (ଧନ୍ଦା ଅନୁସାରେ ସ୍ଥିର କରାଯିବ)

୮ କ୍ରୀଡ଼ା—ଉପକରଣ

୯ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅତି ଆବଶ୍ୟକ ବାଦ୍ୟଯନ୍ତ୍ର

୧୦ ଜିଲ୍ଲା, ରାଜ୍ୟ, ଭାରତ ଓ ପୃଥିବୀର ମାନଚିତ୍ର ଏବଂ ଗୋଟିଏ ଗୋଲକ

୧୧ ଦର୍ପଣ

୧୨ ନହୁରୁଣୀ

୧୩ ପାନିଆ

୧୪ କଞ୍ଚି (କଇଁଚି)

Digitized by srujanika@gmail.com

୧୬ ସମ୍ବାଦ ଲେଖିବାପାଇଁ ଗୋଟିଏ ଅଧିକା କଳାପଟା
୧୭ ଖବରକାଗଜ ରଖି ପଢ଼ିଲଭଳି ଗୋଟିଏ ଡେସ୍କ
୧୭ ଆବଶ୍ୟକ ଅନୁଯାୟୀ ଗୋଟିଏ କାଠ ବାକ୍ସ
୧୮ ସ୍କୁଲ ଭିତରେ ବସି ଖେଳିବା ଉପକରଣ
୧୯ କ୍ୟୁମୁଲେଟିଭ୍ ରେକର୍ଡ଼ ଫର୍ମ
୨୦ ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରଭୃତି ବିଷୟକ କେତେକ ଚାର୍ଟ
୨୧ ବିଶୋଧକ, ପୋକମରା ଔଷଧ ଓ ପୋଟାସ ପରମାଙ୍ଗାନେଟ୍
୨୨ ଜାତୀୟଙ୍କର ସଙ୍କେତ ଦର୍ଶାଇ କେତେକ ବିଜ୍ଞାପନ
୨୩ ଗୋଟିଏ ଦଉଡ଼ି

ପ୍ରତ୍ୟେକ ଅନୁଷ୍ଠାନକୁ ଉପରୋକ୍ତ ସୂଚନା ଅନୁସାରେ ଉପକରଣ ତାଲିକା ତିଆରି କରାଯିବ । ଏ ବାବଦରେ ସରକାରୀ ସାହାଯ୍ୟ ମିଳିବା ଦରକାର, ଗ୍ରାମଗୋଷ୍ଠୀ ଯୋଜନା ଏବଂ ପଞ୍ଚାୟତ ସମିତି କରିଆରେ ମଧ୍ୟ ଅଭାବପୂରଣ କରାଯାଇ ପାରେ କିନ୍ତୁ ଗାଁ ଲୋକଙ୍କର ସାହାଯ୍ୟ ମୁଖ୍ୟ ସମ୍ବଳ ହେବା ଉଚିତ । ଏଥିପାଇଁ ଗାଁ ଲୋକଙ୍କୁ ନେଇ ଗୋଟିଏ ବିଦ୍ୟାଳୟ ଉନ୍ନୟନ ସମିତି କିମ୍ବା ସ୍କୁଲ ପରିଚାଳନା ସମିତି ଗଠନ କରାଯାଇ ପାରେ । ସ୍କୁଲ ଉନ୍ନୟନ ସମିତି ବା ପରିଚାଳନା ସମିତି ଏ ଦାୟିତ୍ୱ ବହନ କରିବେ ।

Digitized by srujanika@gmail.com

୨୦ ଘଣ୍ଟା   ୨୮ ଘଣ୍ଟା   ୩୨ ଘଣ୍ଟା

Digitized by srujanika@gmail.com

(ଖ) କ୍ୟୁମୁଲେଟିଭ୍ ରେକର୍ଡ ଫର୍ମର ନମୁନା

ସ୍କୁଲର ନାମ ଗ୍ରାମ ... ... ପୋ:ଅ: ... ... ଜିଲ୍ଲା

ଛାତ୍ରର ନାମ ଛାତ୍ରର ଜନ୍ମ ତାରିଖ ... ... ଛାତ୍ର ପିତାଙ୍କ ନାମ ଓ ବ୍ୟବସାୟ ଗ୍ରାମ ପୋ:ଅ: ଜିଲ୍ଲା

ବିଦ୍ୟାଳୟରେ ପ୍ରବେଶ ତାରିଖ ... ... କେଉଁ ଶ୍ରେଣୀରେ ପ୍ରବେଶ କଲା ... ...

ପ୍ରଗତି ବିବରଣୀ					ବ୍ୟକ୍ତିଗତ ଗୁଣାବଳୀ 'କ' 'ଖ' କିମ୍ବା 'ଗ'	କ୍ରୀଡା ସମ୍ପୃକ୍ତ କାର୍ଯ୍ୟାବଳୀ 'କ' 'ଖ' କିମ୍ବା 'ଗ'	ଅନ୍ୟାନ୍ୟ ପାଠ୍ୟେତର କାର୍ଯ୍ୟାବଳୀ 'କ' 'ଖ' କିମ୍ବା 'ଗ'	ପାଠ ବା ଧନ୍ଦାରେ ଦୁର୍ବଳତା	ଦୁର୍ବଳତା ନିରାକରଣପାଇଁ ବ୍ୟବସ୍ଥା	ପାସ୍ କି ଫେଲ୍	ପ୍ରଧାନଗୁରୁଙ୍କ ମନ୍ତବ୍ୟ	ଦସ୍ତଖତ ବା ସନ୍ତକ
ଶ୍ରେଣୀ ଓ ବର୍ଷ	ବିଷୟ	ନମ୍ବର	ଧନ୍ଦା	ନମ୍ବର								

ପରିଶିଷ୍ଟ

(ଗ) ନିର୍ଦ୍ଧାରିତ ପାଠ୍ୟକ୍ରମ ଓ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମ ଲାଗି ସାପ୍ତାହିକ ସମୟ-ବିଭାଗ ।

ବିଷୟ	ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ	ତୃତୀୟ, ୪ର୍ଥ ଓ ୫ମ ଶ୍ରେଣୀ	ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ
ମାତୃଭାଷା	୪½ ଘଣ୍ଟା	୬½ ଘଣ୍ଟା	୫ ଘଣ୍ଟା
ରାଷ୍ଟ୍ରଭାଷା ଏବଂ ହିନ୍ଦୀଅଞ୍ଚଳପାଇଁ ଅନ୍ୟ କୌଣସି ଭାରତୀୟ ଭାଷା…			୨ ଘଣ୍ଟା
ଇଂରାଜୀ		…	୨ ଘଣ୍ଟା
ଗଣିତ	୩ ଘଣ୍ଟା	୩½ ଘଣ୍ଟା	୪ ଘଣ୍ଟା
ସାଧାରଣ ବିଜ୍ଞାନ	୧ ଘଣ୍ଟା	୨ ଘଣ୍ଟା	୩ ଘଣ୍ଟା
ସାମାଜିକ ଶିକ୍ଷା	୧ ଘଣ୍ଟା	୩ ଘଣ୍ଟା	୩ ଘଣ୍ଟା
ସାମାଜିକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ	୨ ଘଣ୍ଟା	୩ ଘଣ୍ଟା	୩ ଘଣ୍ଟା
ଧନ୍ଦା	୩ ଘଣ୍ଟା	୪½ ଘଣ୍ଟା	୪½ ଘଣ୍ଟା
ଦେଶୀଖେଳ ଓ ସମୂହଡ୍ରିଲ୍	୨ ଘଣ୍ଟା	୨ ଘଣ୍ଟା	୨ ଘଣ୍ଟା
ବାସ୍ତବତାମୂଳକ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମ	୩½ ଘଣ୍ଟା	୩½ ଘଣ୍ଟା	୩½ ଘଣ୍ଟା
	୨୦ ଘଣ୍ଟା	୨୮ ଘଣ୍ଟା	୩୨ ଘଣ୍ଟା

Digitized by srujanika@gmail.com

ବାଧ୍ୟତାମୂଳକ ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମର ସବିଶେଷ ବିବରଣୀ

(୧) ସଫାଇ—ମି ୧୦ × ୬ = ୧ ଘଣ୍ଟା ପ୍ରତିସପ୍ତାହରେ
(୨) ଉପସ୍ଥାନଆଦି—ମି ୧୦ × ୬ = ୧ ଘଣ୍ଟା ପ୍ରତିସପ୍ତାହରେ
(୩) ପ୍ରାର୍ଥନା ଏବଂ ଘୋଷଣା-ମି ୧୦ × ୬ = ୧ ଘଣ୍ଟା ପ୍ରତିସପ୍ତାହରେ
(୪) ଆତ୍ମପ୍ରକାଶ ପାଇଁ
ଅନୁଶୀଳନୀ—ମି ୩୦ × ୧ = ୧½ ଘଣ୍ଟା ପ୍ରତିସପ୍ତାହରେ

୩½ ଘଣ୍ଟା ପ୍ରତିସପ୍ତାହରେ

ସପ୍ତାହରେ ୬ଟି ଦିନଭିତରୁ ଗୋଟିଏ ଦିନ ଅଧାଛୁଟୀ ହେଉଥିବାରୁ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀରେ ୩୨ ଘଣ୍ଟାର କାର୍ଯ୍ୟକ୍ରମ ସମ୍ଭବ ହୋଇ ନପାରେ ଏପରି ସ୍ଥଳରେ କେତେକ କାର୍ଯ୍ୟ ସ୍କୁଲ ସମୟ ବାହାରେ କରାଯିବା ଉଚିତ ।

———

Digitized by srujanika@gmail.com